**ଓଡ଼ିଶା ସରକାର**

**ପର୍ଯ୍ୟଟନ ଓ ସଂସ୍କୃତି (ସଂସ୍କୃତି) ବିଭାଗ, ଭୁବନେଶ୍ୱର**

* * * * *

ପତ୍ର ସଂଖ୍ୟା **୮୨୩୩** /ସଂବି, ତା **୧୯.୧୦.୨୦୧୩**

# ନିୟମାବଳୀ

## ପାରମ୍ପରିକ ଲୋକକଳା ଦଳ ଏବଂ ଜିଲ୍ଲା କଳା ସଂସ୍କୃତି ସଂଘ ଓ ବ୍ଲକ୍ କଳା ସଂସ୍କୃତି ସଂଘ ମାଧ୍ୟମରେ ଭୋଟର ସଚେତନତା କାର୍ଯ୍ୟକ୍ରମ – ୨୦୧୩

ତା ୨୮.୦୯.୨୦୧୩ ରିଖ ଅନୁଷ୍ଠିତ ବୈଠକରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଏବଂ ସଂସ୍କୃତି ନିର୍ଦ୍ଦେଶକଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ଏବଂ ତା ୦୫.୧୦.୨୦୧୩ ରିଖରେ ଅନୁଷ୍ଠିତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଓ ସମସ୍ତ EROs-cum-Sub-Collector ଓ ଅନ୍ୟାନ୍ୟ ପଦାଧିକାରୀ ମାନଙ୍କ ସହିତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କର Video Conference ରେ ନିଆଯାଇଥିବା ନିଷ୍ପତ୍ତି କ୍ରମେ ଜିଲ୍ଲା କଳା ସଂସ୍କୃତି ସଂଘ ଓ ବ୍ଲକ୍ କଳା ସଂସ୍କୃତି ସଂଘ ମାନଙ୍କ ଦ୍ୱାରା ଆମ ରାଜ୍ୟର ଭୋଟର ସଚେତନତା କାର୍ଯ୍ୟକ୍ରମ **ତା ୨୨.୧୦.୨୦୧୩ ରିଖ ଠାରୁ ତା ୧୦.୧୧.୨୦୧୩ ମଧ୍ୟରେ** ବିଭିନ୍ନ ହାଟ ମାନଙ୍କରେ ପରିବେଷଣ କରାଯିବ। ଏଥିରେ ସଂସ୍କୃତି ସଂଘ ଅଧିନରେ ପଞ୍ଜୀକୃତ ପାରମ୍ପରିକ ଲୋକକଳା ଦଳ ଗୁଡ଼ିକ ସଂପୃକ୍ତ ଜିଲ୍ଲା / ବ୍ଲକ୍‌ସ୍ଥିତ ବିଭିନ୍ନ ହାଟ ମାନଙ୍କରେ ସଚେତନ କାର୍ଯ୍ୟକ୍ରମ ପରିବେଷଣ କରିବା ପାଇଁ ସ୍ଥିର କରାଯାଇଛି। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ନିମ୍ନଲିଖିତ ନିୟମାବଳୀ ରାଜ୍ୟ ସଂସ୍କୃତି ବିଭାଗ ତରଫରୁ ପ୍ରଣୟନ କରାଯାଇଅଛି। ଉକ୍ତ ନିୟମାବଳୀର ଅବଧି ମଧ୍ୟରେ ଭୋଟର ସଚେତନତା କାର୍ଯ୍ୟକ୍ରମ ପରିବେଷଣ କରାଯିବ।

**ଲୋକକଳା ମାଧ୍ୟମରେ ହାଟ ମାନଙ୍କରେ ଭୋଟର ସଚେତନତା କାର୍ଯ୍ୟକ୍ରମ ପରିବେଷଣ ପାଇଁ ଗୃହୀତ ନିଷ୍ପତ୍ତି ଅନୁଯାୟୀ ପଦକ୍ଷେପ** : –

(କ) ପ୍ରତି Tribal Sub-Plan (TSP) ବ୍ଲକ୍‌ରେ ଅନ୍ୟୁନ ୫ ଟି ଏବଂ ଅନ୍ୟ ସବୁ ବ୍ଲକ୍‌ରେ ୨ ଟି ଲେଖାଏଁ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

(ଖ) ସର୍ବାଧିକ ପ୍ରଭାବିତ ଏବଂ ସର୍ବାଧିକ ଲୋକ ସଂପର୍କ ସ୍ଥାପନ କରାଯାଇ ପାରୁଥିବା ହାଟ ଗୁଡ଼ିକ ସଂପୃକ୍ତ ଜିଲ୍ଲାପାଳ ମାନେ ଚିହ୍ନଟ କରିବେ, ଯେଉଁଠାରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

(ଗ) ଜିଲ୍ଲାପାଳ / ଉପ-ଜିଲ୍ଲାପାଳ ମାନଙ୍କୁ ଯୋଗାଇ ଦିଆଯାଇଥିବା ନମୁନା ବାନର ଢ଼ାଞ୍ଚାରେ ସେମାନେ ଉପରୋକ୍ତ କାର୍ଯ୍ୟକ୍ରମ ପର୍ଯ୍ୟବସିତ ଫ୍ଲେକ୍ସ ବାନର ମାନ ଲଗାଇବାର ବ୍ୟବସ୍ଥା କରିବେ।

(ଘ) ସ୍ଥାନୀୟ ଭାଷା ଏବଂ ଲୋକକଳା ମାଧ୍ୟମରେ ଉପରୋକ୍ତ ବାର୍ତ୍ତା ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବା ନିମନ୍ତେ ବିହିତ ପଦକ୍ଷେପ ନିଆଯିବ।

(ଙ) ହାଟରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ସମୟରେ ସ୍ଥାନୀୟ B.L.O / Supervisory Officer ସେଠାରେ ଉପସ୍ଥିତ ରହି ଲୋକମାନଙ୍କର ପ୍ରଶ୍ନର ଉତ୍ତର ଦେଇ ସେମାନଙ୍କର ସନ୍ଦେହ ଦୂର କରିବେ।

(ଚ) SVEEP କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମାନଙ୍କୁ ଆବଣ୍ଟନ କରାଯାଇଥିବା ପାଣ୍ଠି ବିନିଯୋଗ କରି ଭୋଟର ସଚେତନତା କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବେ।

## ଲୋକକଳା ମାଧ୍ୟମରେ ହାଟ ମାନଙ୍କରେ ଭୋଟର ସଚେତନତା କାର୍ଯ୍ୟକ୍ରମ ପରିବେଷଣ ପାଇଁ ରାଜ୍ୟ ସଂସ୍କୃତି ବିଭାଗ ଦ୍ୱାରା ପ୍ରଣୀତ ସର୍ତ୍ତାବଳୀ : –

ଜିଲ୍ଲା / ବ୍ଲକ୍‌ସ୍ଥିତ ହାଟ ମାନଙ୍କରେ ଭୋଟର ସଚେତନତା କାର୍ଯ୍ୟକ୍ରମର ବିଶଦ ଯୋଜନା ପ୍ରସ୍ତୁତି ଜିଲ୍ଲା ସଂସ୍କୃତି ଅଧିକାରୀ ଓ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ମିଳିତ ବୈଠକରେ ସ୍ଥିର କରାଯିବ । ଏଥିରେ ବ୍ଲକ୍‌ର ନାମ, ହାଟର ନାମ, କାର୍ଯ୍ୟକ୍ରମ ପରିବେଷଣର ତାରିଖ ଓ ଲୋକକଳା ଦଳର ନାମ, କାର୍ଯ୍ୟକ୍ରମର ଅବଧି ଇତ୍ୟାଦି ସ୍ଥିର କରାଯିବ । ଏହାର ଏକ ନକଲ ରାଜ୍ୟ ସଂସ୍କୃତି ବିଭାଗ ଓ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟକୁ ପ୍ରେରଣ କରାଯିବ ।

- ସଚେତନତା କାର୍ଯ୍ୟକ୍ରମ ଆୟୋଜନ ପୂର୍ବରୁ ଯେଉଁ ଲୋକକଳା ଦଳ ଗୁଡ଼ିକ ଏହି କାର୍ଯ୍ୟକ୍ରମରେ ସାମିଲ ହେବେ ସେମାନଙ୍କର ଏକ ଦିନିକିଆ ସଚେତନତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜିଲ୍ଲା ସ୍ତରରେ କରାଯିବ । ଏଥିରେ ଭୋଟର ସଚେତନତା ବିଷୟବସ୍ତୁ ସମ୍ବନ୍ଧୀୟ ତଥ୍ୟ, ସ୍ଥାନୀୟ ଭାଷାରେ ରୂପାୟନ ଏବଂ ଅଭ୍ୟାସ ଇତ୍ୟାଦି ବିଷୟରେ ପ୍ରଶିକ୍ଷଣ ଦିଆଯିବ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜିଲ୍ଲା ନିର୍ବାଚନ ଅଧିକାରୀ ଉପସ୍ଥିତ ରହି ଏହାକୁ ଲିଖିତ ଅନୁମୋଦନ କରିବେ । ଏହି ଦିନିକିଆ ସଚେତନତା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନ ପାଇଁ ଜିଲ୍ଲା କଳା ସଂସ୍କୃତି ସଂଘରେ ଥିବା ଏକତ୍ରିତ ପାଣ୍ଠି (Convergence Fund) ରୁ କଳାକାର ମାନଙ୍କର ଗସ୍ତ ଖର୍ଚ୍ଚ, ଚା ଓ ବିସ୍କୁଟ୍ ଏବଂ ମଧ୍ୟାହ୍ନ ଭୋଜନ ବାବଦୀୟ ଖର୍ଚ୍ଚର ଭରଣା କରାଯିବ ।
- ଜିଲ୍ଲାପାଳ ମାନଙ୍କୁ ଆବଣ୍ଟନ କରାଯାଇଥିବା SVEEP ପାଣ୍ଠି ବିନିଯୋଗ କରି ହାଟରେ ଭୋଟର ସଚେତନତା କାର୍ଯ୍ୟକ୍ରମ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଅଛି । ଆବଶ୍ୟକ ସ୍ଥଳେ ସଂପୃକ୍ତ ଜିଲ୍ଲାପାଳ ତଥା ସଭାପତି ଜିଲ୍ଲା କଳା ସଂସ୍କୃତି ସଂଘ ମାନଙ୍କର ଅନୁମୋଦନ କ୍ରମେ ଜିଲ୍ଲା କଳା ସଂସ୍କୃତି ସଂଘ ନିକଟରେ ଗଚ୍ଛିତ ଥିବା ବିଭିନ୍ନ ବିଭାଗର ଏକତ୍ରିତ ପାଣ୍ଠି (Convergence Fund) ର କିଛି ଅଂଶ ଖର୍ଚ୍ଚ କରାଯାଇପାରିବ । କିନ୍ତୁ, ଏଥିପାଇଁ ପାଣ୍ଠି ପ୍ରଦାନ କରିଥିବା ବିଭାଗୀୟ ଜିଲ୍ଲା ଅଧିକାରୀଙ୍କର ସହମତି ନେବା ଆବଶ୍ୟକ ଅଟେ । ଆବଶ୍ୟକ ସ୍ଥଳେ ଉଦ୍ଦିଷ୍ଟ ବିଭାଗର ବିଷୟ ବସ୍ତୁ ପରିବେଷଣ ସହିତ ଭୋଟର ସଚେତନତା କାର୍ଯ୍ୟକ୍ରମ ପରିବେଷଣ କରାଯିବ ।
- ହାଟ ମାନଙ୍କରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଗୁଡ଼ିକର ତଥ୍ୟାବଳୀ ଲିପିବଦ୍ଧ ରେକର୍ଡ଼ଭୁକ୍ତ କରାଯିବ । ଅତି କମ୍‌ରେ ସଂପୃକ୍ତ ଜିଲ୍ଲାର ଦୁଇଟି ହାଟର ଭୋଟର ସଚେତନତା କାର୍ଯ୍ୟକ୍ରମର Video Recording ପ୍ରସ୍ତୁତ କରାଯିବ ଏବଂ ଅତି କମ୍‌ରେ ଗୋଟିଏ ଘଣ୍ଟାର Final Video Product ରାଜ୍ୟ ସଂସ୍କୃତି ବିଭାଗକୁ ଜିଲ୍ଲା ସଂସ୍କୃତି ଅଧିକାରୀମାନେ ପ୍ରେରଣ କରିବେ । ସେହିପରି, ଉକ୍ତ କାର୍ଯ୍ୟକ୍ରମର ପ୍ରାୟ ୫୦ ଗୋଟି Still Photograph C.D. ରାଜ୍ୟ ସଂସ୍କୃତି ବିଭାଗକୁ ପଠାଇବେ । ଉକ୍ତ Video Recording ପ୍ରସ୍ତୁତ ପାଇଁ ଟ.୨,୦୦୦/- ଙ୍କା ଏବଂ Still Photograph ପାଇଁ ଟ.୫୦୦/- ଙ୍କା ପର୍ଯ୍ୟନ୍ତ ଜିଲ୍ଲା କଳା ସଂସ୍କୃତି ସଂଘ ଅଧିନରେ ଥିବା ଏକତ୍ରତି ପାଣ୍ଠି (Convergence Fund) ବା ଏହାର ସୁଧ ଟଙ୍କାରୁ ଖର୍ଚ୍ଚ କରାଯାଇ ପାରିବ ।
- ଭୋଟର ସଚେତନତା କାର୍ଯ୍ୟକ୍ରମ ପରିବେଷଣ ପରେ ସଂପୃକ୍ତ ଜିଲ୍ଲା ସଂସ୍କୃତି ଅଧିକାରୀମାନେ ନିମ୍ନ ପ୍ରଦତ୍ତ ସାରଣୀ ଅନୁସାରେ ବିବରଣୀ ରାଜ୍ୟ ସଂସ୍କୃତି ନିର୍ଦ୍ଦେଶକ ଓ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟକୁ ପ୍ରେରଣ କରିବେ ।
- ଲୋକକଳା ଦଳ ମାନଙ୍କ ଦ୍ୱାରା ଭୋଟର ସଚେତନତା କାର୍ଯ୍ୟକ୍ରମ ବାବଦରେ ଖର୍ଚ୍ଚ ଜିଲ୍ଲାପାଳ ତଥା ସଭାପତି, ଜିଲ୍ଲା କଳା ସଂସ୍କୃତି ସଂଘ ଦ୍ୱାରା ପୂର୍ବ ଅନୁମୋଦିତ ହାରରେ (Unit Cost of Payment) ପୈଠ କରାଯିବ ଅଥବା ସ୍ଥଳ ବିଶେଷରେ ଏହା ଅନୁମୋଦିତ ନିର୍ଦ୍ଧାରିତ ହାର (Unit Cost of Payment) ଠାରୁ କମ୍ ହାରରେ ମଧ ସଭାପତି, ଜିଲ୍ଲା କଳା ସଂସ୍କୃତି ସଂଘଙ୍କ ଅନୁମୋଦନ କ୍ରମେ ପୈଠ କରାଯାଇ ପାରେ ।

## ଭୋଟର ସଚେତନତା କାର୍ଯ୍ୟକ୍ରମ ସମ୍ବନ୍ଧୀୟ ତଥ୍ୟାବଳୀ

ଜିଲ୍ଲାର ନାମ -

| କ୍ର.ନଂ. | ବ୍ଲକ୍‌ର ନାମ | ହାଟର ନାମ | କାର୍ଯ୍ୟକ୍ରମ ପରିବେକ୍ଷଣର ତାରିଖ | ସମୟ | ଲୋକକଳା ଦଳର ନାମ ଓ ଠିକଣା | କଳାକାରଙ୍କ ସଂଖ୍ୟା | ମୋଟ ଖର୍ଚ୍ଚ | ଆନୁମାନିକ ଉପସ୍ଥିତ ଦର୍ଶକଙ୍କ ସଂଖ୍ୟା |
|---|---|---|---|---|---|---|---|---|
| | | | | | | | | |

ସ୍ୱାକ୍ଷର
ଜିଲ୍ଲା ସଂସ୍କୃତି ଅଧିକାରୀ
(ମୋହର)

- ଉପରୋକ୍ତ କାର୍ଯ୍ୟକ୍ରମର ତଦାରଖ ପାଇଁ ଜିଲ୍ଲା ସଂସ୍କୃତି ଅଧିକାରୀମାନେ ନିୟୋଜିତ ହେବେ । ଆବଶ୍ୟକସ୍ଥଳେ ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟର ଅଧିକାରୀ ମାନଙ୍କ ସହିତ ମିଳିତ ତଦାରଖ (Joint Monitoring) ମଧ୍ୟ କରାଯାଇ ପାରିବ । ଜିଲ୍ଲା ସଂସ୍କୃତି ଅଧିକାରୀମାନେ ଏ ସମ୍ବନ୍ଧୀୟ ଗସ୍ତ (T.A. / D.A.) ଖର୍ଚ୍ଚ ରାଜ୍ୟ ସରକାରଙ୍କ ନିୟମାବଳୀ ଅନୁସାରେ ପାଇପାରିବେ ।

୧୮/୧୦/୨୦୧୩
ନିର୍ଦ୍ଦେଶକ, ସଂସ୍କୃତି ତଥା ଅତିରିକ୍ତ ଶାସନ ସଚିବ,
ପର୍ଯ୍ୟଟନ ଓ ସଂସ୍କୃତି (ସଂସ୍କୃତି) ବିଭାଗ, ଓଡ଼ିଶା

ଜ୍ଞାପକ ସଂଖ୍ୟା- ୮୨୩୪ /ସଂବି, ତା ୧୮.୧୦.୧୩

ଏହାର ଏକକିତା ନକଲ ରାଜ୍ୟର ସମସ୍ତ ଜିଲ୍ଲାପାଳ ମାନଙ୍କ ସଦୟ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ନିର୍ଦ୍ଦେଶକ, ସଂସ୍କୃତି ତଥା ଅତିରିକ୍ତ ଶାସନ ସଚିବ

ଜ୍ଞାପକ ସଂଖ୍ୟା- ୮୨୩୫ /ସଂବି, ତା ୧୮.୧୦.୧୩

ଏହାର ଏକକିତା ନକଲ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ, ଭୁବନେ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ନିର୍ଦ୍ଦେଶକ, ସଂସ୍କୃତି ତଥା ଅତିରିକ୍ତ ଶାସନ ସଚିବ

ଜ୍ଞାପକ ସଂଖ୍ୟା- ୮୨୩୬ /ସଂବି, ତା ୧୮.୧୦.୧୩

ଏହାର ଏକକିତା ନକଲ କମିଶନର ତଥା ଶାସନ ସଚିବ, ସଂସ୍କୃତି ବିଭାଗଙ୍କ ସଦୟ ଅବଗତି ଓ ନିମନ୍ତେ ପ୍ରେରଣ କରାଗଲା ।

ନିର୍ଦ୍ଦେଶକ, ସଂସ୍କୃତି ତଥା ଅତିରିକ୍ତ ଶାସନ ସଚିବ

ଜ୍ଞାପକ ସଂଖ୍ୟା- ୮୨୩୭ /ସଂବି, ତା ୧୮.୧୦.୧୩

ଏହାର ଏକକିତା ନକଲ ରାଜ୍ୟର ସମସ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ / ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରଙ୍କ ଅବଗତି ଓ ବିହୀତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ଏବଂ ସେମାନେ ଜିଲ୍ଲାପାଳ ଓ କଳା ସଂସ୍କୃତି ସଂଘର ସଭାପତି ତଥା ଉପ-ସଭାପତି ମାନଙ୍କ ସହିତ ବ୍ୟକ୍ତିଗତ ଭାବେ ଯୋଗାଯୋଗ କରି ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଗୁରୁତ୍ୱ ଦେବେ । କୌଣସି ଜିଲ୍ଲାରେ ଉକ୍ତ କାର୍ଯ୍ୟକ୍ରମର ପରିବେକ୍ଷଣରେ ତ୍ରୁଟି ପରିଲକ୍ଷିତ ହେଲେ ସଂପୃକ୍ତ ଜିଲ୍ଲା ସଂସ୍କୃତି ଅଧିକାରୀମାନେ ଦାୟୀ ରହିବେ ଓ ସେମାନଙ୍କ ବିରୁଦ୍ଧରେ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ନିର୍ଦ୍ଦେଶକ, ସଂସ୍କୃତି ତଥା ଅତିରିକ୍ତ ଶାସନ ସଚିବ
୧୮/୧୦/୨୦୧୩